# ଜୈବିକ ପଦ୍ଧତିରେ ଚାଷ କଲେ ପରିବେଶ ପ୍ରଦୂଷଣ କମିବ

ଜୟପୁର, ୧୯।୫(ନି.ପ୍ର.)

ଜୟପୁର ସ୍ୱାମୀନଥାନ ଗବେଷଣା ଫାଉଣ୍ଡେସନରେ ଗୁରୁବାର ଜାତୀୟ ଧାନ ଗବେଷଣା ସଂସ୍ଥାନ କଟକ ପକ୍ଷରୁ କୃଷି ଓ ଉଦ୍ୟାନ କୃଷି ଫସଲରେ ହାନିକାରକ କୀଟ ପରିଚାଳନା ତାଲିମ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାସାୟନିକ ବିଷ ପ୍ରୟୋଗ ଦ୍ୱାରା ଅନେକ କ୍ଷତି ହୋଇଥାଏ । ଫେରମେନ୍ ଜ୍ଞାନ କୌଶଳ ବ୍ୟବହାର କରି ଜୈବ ପଦ୍ଧତିରେ ପୋକ ଦମନ କରାଯାଇପାରିବ। ମକା, ଧାନ,ଫଳ, ପନିପରିବା ଓ କନ୍ଦ ଫସଲର ହାନିକାରକ କୀଟକୁ ଏହି ପଦ୍ଧତିରେ ଦମନ କରାଯାଇପାରିବ ବୋଲି ଜାତୀୟ ଧାନ ଗବେଷଣା ସଂସ୍ଥାନ କଟକର ପ୍ରଧାନ ବୈଜ୍ଞାନିକ ଡ. କେ. ରାଜଶେଖର ରାଓ କହିଛନ୍ତି।

ଏହାର ମୂଲ୍ୟ କମ୍ ହୋଇଥିବାବେଳେ ଏଥିରୁ ଚାଷୀମାନଙ୍କୁ ଅଧିକରୁ ଅଧିକ ଲାଭ ମିଳିପାରିବ ବୋଲି ସେ କହିଥିଲେ। ଜୈବିକ ପଦ୍ଧତିରେ କୃଷିକୁ ଆଦରି ନେଲେ ପରିବେଶ ପ୍ରଦୂଷଣକୁ କମ୍ କରାଯାଇପାରିବ ବୋଲି କୋରାପୁଟ ଅତିରିକ୍ତ କୃଷି ଜିଲାଧିକାରୀ ବିଜୟ କୁମାର ସୋରେନ ମତବ୍ୟକ୍ତ କରିଥିଲେ। ବିଷ ପ୍ରୟୋଗ ଦ୍ୱାରା ସ୍ୱାସ୍ଥ୍ୟରେ ହେଉଥିବା କ୍ଷତି ସମ୍ପର୍କରେ ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଦୁର୍ଗା ପ୍ରସାଦ ପାତ୍ର କହିଥିଲେ। ଫଳ ଫସଲରେ ମାଛି ଉପଦ୍ରବକୁ ଏହି ଜ୍ଞାନକୌଶଳ ଅଧିକ ଲାଭ ହୋଇପାରିବ ବୋଲି ଅତିରିକ୍ତ ଉଦ୍ୟାନ କୃଷି ଅଧିକାରୀ ସୁଶିଲ କୁମାର ମହନ୍ତ କହିଥିଲେ। ରାସାୟନିକ ବିଷ ପ୍ରୟୋଗ ଦ୍ୱାରା ସ୍ୱାସ୍ଥ୍ୟ ଓ ପରିବେଶରେ ହେଉଥିବା କ୍ଷତି ପରିମାଣକୁ କମ୍ କରିବା ଦିଗରେ ଫେରମେନ ଜ୍ଞାନ କୌଶଳ ସହାୟକ ହୋଇପାରିବ ବୋଲି ସ୍ୱାମୀ ନାଥାନ୍ ଗବେଷଣା ଫାଉଣ୍ଡେଶନ ନିର୍ଦ୍ଦେଶକ ଡ.ଏମ୍.ଏମ୍. ହୋସେନ୍ କହିଥିଲେ। ବିଜ୍ଞାନ ପ୍ରଚାରକ ଲକ୍ଷ୍ମୀ ନାରାୟଣ ବକ୍ସି ଦ୍ୱାରା ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କେ.ଉମା ମାହେଶ୍ୱରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୫୦ ଏକର ମକା ଫସଲ ପାଇଁ ଫେରମେନ୍ ଜନ୍ତା ପ୍ରଦାନ କରାଯାଇଥିଲା ବେଳେ ୨୫ ଏକର ଫଳ ମାଛି ଯନ୍ତା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ନିରଞ୍ଜନ ଗୌଡ, ରଜନୀକାନ୍ତ ପରିଡ଼ା ଓ ଚିତ୍ତରଞ୍ଜନ ସେଠୀ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ବୈଜ୍ଞାନିକ ଓ ଅତିଥିମାନେ।

### ଫସଲରେ ହାନିକାରକ କୀଟ ପରିଚାଳନା ତାଲିମ କାର୍ଯ୍ୟକ୍ରମ

# କୋରାପୁଟ ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକଙ୍କୁ ବାଧ୍ୟତାମୂଳକ ଅବସର

କୋରାପୁଟ,୧୯।୫(ସ୍ୱ.ପ୍ର)

କୋରାପୁଟ ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ସର୍ବେଶ୍ୱର ବାଗୁଡିଆଙ୍କୁ ରାଜ୍ୟସରକାର ବାଧ୍ୟତାମୂଳକ ଅବସର ଦେଇଛନ୍ତି। ଏଥିସହ ଚାକିରି ସମୟରେ ତାଙ୍କର ବିଭିନ୍ନ କାର୍ଯ୍ୟର ସ୍ୱତନ୍ତ୍ର ଅଡିଟ କରାଯିବ ବୋଲି ଜଣାପଡିଛି।

ସୁଚନାନୁଯାୟୀ, ସର୍ବେଶ୍ୱର ବାଗୁଡିଆ କୋରାପୁଟ ଜିଲାରେ ଅବସ୍ଥାନ କରିବା ଦିନଠାରୁ ତାଙ୍କର ବିଭିନ୍ନ କାର୍ଯ୍ୟକୁ ନେଇ ତାଙ୍କ କର୍ମଚାରୀମାନେ ବହୁବାର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବାଗୁଡିଆଙ୍କ ନାମରେ ଉଦ୍ୟାନ ମିଶନ କାର୍ଯ୍ୟକ୍ରମରେ ୪ କୋଟି ୫୩ ଲକ୍ଷ ଟଙ୍କା କୋରାପୁଟକୁ ଆସିଥିଲା। କିନ୍ତୁ ତାଙ୍କର କାର୍ଯ୍ୟରେ ଉଦାସୀନତା ଯୋଗୁ ଏହ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରି ନ ଥିଲା। ଉଦ୍ୟାନ ମିଶନ କାର୍ଯ୍ୟକ୍ରମରେ ମାତ୍ର ୧ କୋଟି ୨୩ ଲକ୍ଷଟଙ୍କା ବ୍ୟୟ କରାଯାଇଥିବାରୁ ଏହି ଯୋଜନା ଜିଲାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲା। ବିଭାଗ ପକ୍ଷରୁ କରାଯାଇଥିବା ପଣସ ମିଶନ, ତେଲ ମିଶନ ବିଫଳ ହୋଇଥିଲା। ଏଥିନେଇ ଜିଲାପାଳ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ପତ୍ର ସଂଖ୍ୟା ୯୧୫୬/ ୧୦-୫-୨୦୨୨ ଅନୁଯାୟୀ ତାଙ୍କୁ ୩ ମାସର ଦରମା ଆଗୁଆ ଦିଆଯିବା ସହ ୨୦୨୩ ଫେବୃଆରୀ ହେବାକୁ ଥିବା ତାଙ୍କ ଅବସର ପରିବର୍ତ୍ତେ ଚଳିତ ମାସ ୧୦ ତାରିଖରେ ଅବସର ଦେବାକୁ ନିର୍ଦ୍ଦେଶ ରହିଛି। ଅପରାଗତା କାର୍ଯ୍ୟ ପାଇଁ ପୂର୍ବରୁ ତାଙ୍କୁ ୨ ଥର ନିଲମ୍ବିତ କରାଯାଇଥିବା ଜଣାପଡିଛି।

## ବିଲୁଆ କାମୁଡ଼ାରେ ୮ ଆହତ

ହିଞ୍ଜିଳିକାଟୁ,୧୯।୫(ଡି.ଏନ.ଏ.)

ହିଞ୍ଜିଳି ଥାନା ଶାସନ ଆମ୍ବଗାଁରେ ଗୁରୁବାର ବିଲୁଆ କାମୁଡ଼ାରେ ୭ ଜଣ ମହିଳା ଓ ପୁରୁଷ ଆହତ ହୋଇଛନ୍ତି। ସେମାନେ ହେଲେ ବାଦିଆମ୍ବଗାଁର ଟିନା ଗୌଡ, ଯୁଧିଷ୍ଠିର ଜେନା, ଅପୁର୍ବ ଜେନା, ବିନୋଦ ସାହୁ,ନିର ଡାକୁଆ, ଅପୁର୍ ସେଠୀ, ମେଳା ସେଠୀ ଓ ସୁଦଷ୍ଟା ଜେନା। କେତେଜଣ ରାସ୍ତାରେ ଯାଉଥିବା ବେଳେ ଓ କେତେଜଣ ଚାଷ ଜମିରେ କାମ କରୁଥିବା ବେଳେ ଏମାନଙ୍କୁ ବିଲୁଆ କାମୁଡି ଥିବା ଅଭିଯୋଗ ହେଉଛି । ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି।

# 'ତମାଖୁ ଆମ ପରିବେଶ ପାଇଁ ବିପଜ୍ଜନକ'

କୋରାପୁଟ,୧୯।୫(ସ୍ୱ.ପ୍ର.)

ବିଶ୍ୱ ତମାଖୁ ବର୍ଜନ ଦିବସ ଉପଲକ୍ଷେ 'ତମାଖୁ ଆମ ପରିବେଶ ପାଇଁ ବିପଦଜନକ' ସମ୍ପର୍କିତ ବକ୍ତୃତା, ସ୍ଲୋଗାନ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଆମ୍ବେଡ଼କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଜାତୀୟ ସେବା ଯୋଜନା ଓ ଜିଲା ତମାଖୁ ନିୟନ୍ତ୍ରଣ ସଂସ୍ଥା ମିଳିତ ଆନୁକୂଲ୍ୟରେ ସିଡିଏମ୍ଓ ଡଃ ଅରୁଣ କୁମାର ପାଢ଼ୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ ଜିଲାର ସ୍ନାତକ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏନ୍.ଏସ୍.ଏସ୍ ସ୍ୱେଚ୍ଛାସେବୀମାନେ ଅଂଶ ଗ୍ରହଣ କରିଥିଲେ। ବକ୍ତୃତା ପ୍ରତିଯୋଗୀତାରେ ଇସାବେଲା ଦାସ ପ୍ରଥମ, ସନ୍ତୋଷ ଖିଲ ଦିତୀୟ ଏବଂ ଆନନ୍ଦ ଶଙ୍କର ନାୟକ ଓ ପ୍ରଗତିକା ରାଏ ମିଳିତ ତୃତୀୟ ହୋଇଛନ୍ତି। ସ୍ଲୋଗାନ ପ୍ରତିଯୋଗିତାରେ ଉର୍ମିଳା ପାତ୍ର ପ୍ରଥମ, ରାଜନ୍ ସିଂ ଦ୍ୱିତୀୟ ଓ ଗଣେଶ ଗାଦବା ତୃତୀୟ ହୋଇଛନ୍ତି। ଚିତ୍ରାଙ୍କନ ପ୍ରତିଯୋଗିତାରେ ଲକି ଅମାନ୍ୟ ପ୍ରଥମ, କସ୍ତୁରୀ ଦେବୀ ଖରା ଦ୍ୱିତୀୟ ଓ ସ୍ୱରାଜ୍ୟ ଦୋରା ତୃତୀୟ ହୋଇଛନ୍ତି। କୃତି ପ୍ରତିଯୋଗୀଙ୍କୁ ଜିଲାସ୍ତରୀୟ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ ଅବସରରେ ପୁରସ୍କୃତ କରାଯିବ ବୋଲି ସିଡିଏମ୍ଓ ସୂଚନା ଦେଇଛନ୍ତି। ବିଚାରକ ଭାବେ ସିଦ୍ଧେଦେବୀ ମହାବିଦ୍ୟାଳୟ ଅଧ୍ୟାପକ ରବି ଶତପଥୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ପ୍ରଧାନ ଓ ସହକାରୀ ଜନ ସ୍ୱାସ୍ଥ୍ୟ ସଂଯୋଜକ ଶୁଭ ନାରାୟଣ ନାୟକ ଉପସ୍ଥିତ ଥିଲେ। ଜାତୀୟ ସେବା ଯୋଜନା ଜିଲା କାର୍ଯ୍ୟକ୍ରମ ଅଧିକାରୀ କିଶୋର ଚନ୍ଦ୍ର ବେହେରା ଓ ଜିଲା ତମାଖୁ ନିୟନ୍ତ୍ରଣ ସଂସ୍ଥା ସହକାରୀ ପରିଚାଳକ ସତେସ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆମ୍ବେଡ଼କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧକ୍ଷ ହେମନ୍ତ କୁମାର ପାତ୍ର, ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ବାତସେବା ତାଣ୍ଡି, ଡ଼ଃ ସଦାଶିବ ତ୍ରିପାଠୀ, ଡ଼ଃ ଅରୁଣ କୁମାର ରାଜ ଓ ବାବୁଲା ରାଉତ ପ୍ରମୁଖ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।







## ଗାଈ ବୋଝେଇ ୪ ବୋଲେରୋ ଜବତ

କାଶୀନଗର,୧୯।୫-କାଶୀନଗର ଥାନା ପୋଲିସ ଦ୍ୱାରା ୪ଟି ବୋଲେରୋ ଗାଡ଼ିରେ ୨୮ଟି ଗାଈ ବୋଝେଇ ହୋଇ ଯାଉଥିବା ବେଳେ ଜବତ ହୋଇଛି। ଏହି ମାମଲାରେ ଗୋରୁ ଚାଲାଣକାରୀ ୪ ଜଣ ଆସାମୀ ସି. ଅର୍ଜୁନ, ନାଗାଶ୍ରୀନୁ, ଗାବରା ପ୍ରସାଦ, ୱାଇ ରାମଣାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସମସ୍ତ ଆସାମୀ ବିଶାଖାପାଟଣାର ଅଟନ୍ତି। କାଶୀନଗର ଥାନାରେ ୫୪/୨୨ରେ ଗୋଚାଲାଣ ଆପରାଧିକ ମାମଲା ରୁଜୁ ହୋଇଥିବା ଆଇଆଇସି ସୁଶାନ୍ତ କୁମାର ସାହୁଙ୍କଠାରୁ ପ୍ରକାଶ।

## ଯୁବତୀ ଉଦ୍ଧାର, ଯୁବକ ଅଟକ

କାଶୀନଗର,୧୯।୫-କାଶୀନଗର ଏନ୍ଏସିର ଜଣେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ରାୟଗଡ଼ା ଜିଲା ଗୁଣପୁର ନିକଟସ୍ଥ ଗ୍ରାମର ଜଣେ ଯୁବକ ଆନ୍ଧ୍ରର ବିଶାଖାପାଟଣା ନେଇଯାଇଥିଲେ। ପରିବାରର ଅଭିଯୋଗ ପ୍ରକାରେ ପୋଲିସ କୌଣସି ସୂତ୍ରରୁ ଖବର ପାଇ ଉଭୟଙ୍କୁ ବିଶାଖାପାଟଣାରୁ ଉଦ୍ଧାର କରି କାଶୀନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଡ଼ାକ୍ତରୀ ମାଇନା କରାଇଛି। ଥାନାରେ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ଅଧିକ ତଦନ୍ତ କରାଯାଉଥିବା ଥାନାଧିକାରୀ ସୁଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଏ ନେଇ ନଂ.୫୩/୨୨ରେ ଏକ ମାମଲା ରୁଜୁ ହୋଇଛି।

## ବାଇକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

ଆସିକା,୧୯।୫(ଡି.ଏନ.ଏ.)- ଗାଙ୍ଗପୁର ଥାନା ଅନ୍ତର୍ଗତ କାଳିଆଗୁଡା ଛକ ନିକଟରେ ଗୁରୁବାର ରାତି ପ୍ରାୟ ୮ଟାରେ ଏକ ବାଇକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କାଳିଆଗୁଡା ଗ୍ରାମର ବିମଳ ପ୍ରଧାନ। ଦୁର୍ଘଟଣାରେ ବାଇକ ଚାଳକ ମଧ ଗୁରୁତର ଆହତ ହୋଇଛନ୍ତି। ଭଞ୍ଜନଗର ସରକାରୀ ଡାକ୍ତରଖାନାରେ ତାଙ୍କର ଚିକିତ୍ସା ଚାଲିଛି। ଗାଙ୍ଗପୁର ପୋଲିସ ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ କହିଛନ୍ତି।



## ସଂକ୍ଷେପରେ

### ନୂତନ ଗଣେଶ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ



ଗୁଣପୁର,୧୯।୫ (ଡି.ଏନ୍.ଏ.)- ରାୟଗଡ଼ା ଜିଲା ଗୁଣପୁର ବିଦ୍ୟୁତ୍ କାର୍ଯ୍ୟାଳୟ ନିକଟରେ ନୂତନ ଭାବେ ହୋଇଥିବା ଗଣେଶ ମନ୍ଦିରର ପ୍ରତିଷ୍ଠା କାର୍ଯ୍ୟକ୍ରମ ବୁଧବାର ସମ୍ପନ୍ନ ହୋଇଛି। ଏଥିଲାଗି ସମସ୍ତ ରୀତିନୀତି କରାଯାଇଥିଲା। ଗଣେଷଙ୍କ ବିଗ୍ରହକୁ ଯଥାବିଧି ପୂଜା କରାଯାଇଛି। ଏହାପରେ ବିଗ୍ରହକୁ ମନ୍ଦିରରେ ପ୍ରତିଷ୍ଠା କରାଯାଇଛି। ପୂଜକ ଭାବେ ଗଣେଷ ଷଡ଼ଙ୍ଗୀ ଏବଂ କର୍ତ୍ତାଭାବେ କେ.ରାମାରାଓ ଦମ୍ପତି ଉପସ୍ଥିତ ରହି ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ। ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ରାଓ, ସହକାରୀ ନିର୍ବାହୀ ଯନ୍ତ୍ରୀ କେଶବ ଗାନ୍ଧୀ, ସହକାରୀ ଯନ୍ତ୍ରୀ ଚନ୍ଦ୍ରକାନ୍ତ ଜେନା, କନିଷ୍ଠ ଯନ୍ତ୍ରୀ ଜିତୁ ପଟ୍ଟନାୟକ, ସନ୍ତୋଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମୁନା ପାଢ଼ୀ, ଅଜିତ ପଣ୍ଡା, ରଜତ ପ୍ରଧାନ, ଶ୍ରୀନିବାସ ଶତପଥୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ବହୁସଂଖ୍ୟାରେ ଭକ୍ତଙ୍କ ସମାଗମ ହେବା ସହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

### ଅଗ୍ନି ଗଙ୍ଗାମାଁଙ୍କ ଯାତ୍ରା ଉଦ୍‌ଯାପିତ

ଟିକିରି,୧୯।୫(ଡି.ଏନ୍.ଏ.)- ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିସ୍ଥିତ ଦୋରା ସାହିରେ ୩ ବର୍ଷକୁ ଥରେ ପାଳନ ହେଉଥିବା ଅଧିଷ୍ଠାତ୍ରୀ ଦେବୀ ଅଗ୍ନି ଗଙ୍ଗାମାଁଙ୍କ ଯାତ୍ରା ମେ ୯ରୁ ଆରମ୍ଭ ହୋଇ ୧୮ ରେ ଉଦ୍‌ଯାପିତ ହୋଇଛି। ଯାତ୍ରାକୁ ନେଇ ୯ ଦିନ ଧରି ଅଞ୍ଚଳ ଉତ୍ସବମୁଖର ହୋଇ ଉଠିଥିଲା। ଜିଲା ତଥା ଜିଲା ବାହାରେ ରହି ଜୀବିକା ନିର୍ବାହ କରୁଥିବା ଅନେକ ପରିବାର ଯାତ୍ରା ଉପଲକ୍ଷେ ଗାଁ ମୁହାଁ ହୋଇଥିଲେ। ଅଧିଷ୍ଠାତ୍ରୀ ଦେବୀ ଅଗ୍ନି ଗଙ୍ଗାମାଁଙ୍କ ଘଟ ଘର ଘର ବୁଲି ପୂଜା ପାଇବା ପରମ୍ପରା କେଉଁ ଅନାଦି



କାଳରୁ ଚାଲି ଆସିଛି। ଏହି ପୂଜା ଦ୍ୱାରା ଗ୍ରାମରେ ସୁଖ ଶାନ୍ତି ତଥା ମହାମାରୀ ରୋଗରୁ ମୁକ୍ତି ମିଳିବା ନେଇ ବିଶ୍ୱାସ ରହିଛି। ଏହି ଅବସରରେ ଗ୍ରାମର ପୁରୁଷ ଲୋକ ଦିନ ତମାମ ଉପବାସ ରହି ମାଁଙ୍କ ଘଟ ମୁଣ୍ଡରେ ବୋହି ଘର ଘର ବୁଲି ପୂଜା ପାଇଥାନ୍ତି। ଯାତ୍ରା ଅବସରରେ ପ୍ରତ୍ୟେକ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକଙ୍କ ମନେ ମୋହିଥିଲା। ବୁଧବାର ମାଁ ପୁଣି ନିଜ ପୀଠକୁ ଫେରିଛନ୍ତି।

### ଭାଲିଆଖାଇରେ ୩ ଘରୁ ଚୋରି

ଭଞ୍ଜନଗର,୧୯।୫(ଡି.ଏନ୍.ଏ.)-ଭଞ୍ଜନଗର ଥାନା ଅନ୍ତର୍ଗତ ଭାଲିଆଖାଇରେ ବୁଧବାର ରାତିରେ ଏକା ସମୟରେ ୩ଟି ଘରୁ ଚୋରି ହୋଇଥିବା ଗୁରୁବାର ଅଭିଯୋଗ ହୋଇଛି। ଗ୍ରାମର ସୁନୀଲ ପ୍ରଧାନଙ୍କ ବାଡ଼ିପଟ କବାଟ ଭାଙ୍ଗି ଦୁର୍ବୃତ୍ତମାନେ ଘରେ ପଶି ୨ଟି ସୁନା ଚେନ, ଗୋଟିଏ ହାର, ୬ଟି ମୁଦି, ୨ ହଳ କାନର ଓ ୯୦ ହଜାର ଟଙ୍କା ଲୁଟି ନେଇଛନ୍ତି। ସେହିଭଳି ଗ୍ରାମର ଅନ୍ୟ ଦୁଇ ଜଣଙ୍କ ଘରୁ ମଧ୍ୟ ଅନୁରୂପ ଭାବେ ଚୋରି ହୋଇଛି। ସୁନୀଲଙ୍କ ଏତଲାକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଛି।

# ମାଲକାନଗିରି ଜିଲାର ୪୭ ରୂପାନ୍ତରିତ ସ୍କୁଲ ପ୍ରସ୍ତୁତ

ମାଲକାନଗିରି,୧୯।୫(ଡି.ଏନ୍.ଏ.)



ଜଗନ୍ନାଥପାଲ୍ଲୀ ହାଇସ୍କୁଲ ।

ମାଲକାନଗିରି ଜିଲାରେ ୫-ଟି ଅଧୀନରେ ୪୭ ସ୍କୁଲର ରୂପାନ୍ତରଣ କାର୍ଯ୍ୟ ସରିଛି। ଏହି ସମସ୍ତ ବିଦ୍ୟାଳୟର ଉଦ୍‌ଘାଟନ କେବେ କରାଯିବ ସେ ନେଇ ମାଲକାନଗିରି ସଦର ବ୍ଲକ ଏମ୍‌ଭି-୭ ସ୍ଥିତ ଜଗନ୍ନାଥପାଲ୍ଲୀ ହାଇସ୍କୁଲଠାରେ ଗୁରୁବାର ଏକ ବୈଠକରେ ଆଲୋଚନା କରାଯାଇଛି।

ଏଥିରେ ମାଲକାନଗିରି ବିଡିଓ ଅଜୟ କୁମାର ପ୍ରଧାନ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ହିମାଂଶୁ ଭୂଷଣ ମହାରଣା, ବିଇଓ କିଶୋରୀ କୁମାର ବେହେରା ପ୍ରମୁଖ ଯୋଗଦେଇ ବିଭିନ୍ନ ଆନୁଷାଙ୍ଗିକ ବ୍ୟବସ୍ଥା ବିଷୟରେ ଆଲୋଚନା କରିଥିଲେ। ଶୀଘ୍ର ସ୍କୁଲଗୁଡ଼ିକରେ ଇଣ୍ଟରନେଟ ସୁବିଧା କରାଯିବା ପରେ ଜଗନ୍ନାଥପାଲ୍ଲୀ ହାଇସ୍କୁଲଠାରେ ସମସ୍ତ

**ଇଣ୍ଟରନେଟ୍ ବ୍ୟବସ୍ଥା ହେଲେ ଉଦ୍‌ଘାଟନ କରାଯିବ**

୪୭ ସ୍କୁଲର ଉଦ୍‌ଘାଟନ କାର୍ଯ୍ୟକ୍ରମ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଉଦ୍‌ଘାଟନୀ ଉତ୍ସବର ଆୟୋଜନ ନେଇ ମଧ୍ୟ ଏଠାରେ ଆଲୋଚନା କରାଯାଇଥିଲା। ବୈଠକରେ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ବ୍ଲକ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ: ଘର, ଦୋକାନ ନଷ୍ଟ




ଅଗ୍ନିକାଣ୍ଡରେ ନଷ୍ଟ ହୋଇଥିବା ଘରର ଆସବାବପତ୍ର।

ଏମ୍‌ଭି ୭୯,୧୯।୫(ଡି.ଏନ୍.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକ ଲୁଗାଲ ପଞ୍ଚାୟତ ଅଧୀନ ଏମ୍‌ପିଭି ୫୩ ଗ୍ରାମର ଆନନ୍ଦ ମଣ୍ଡଳଙ୍କ ଘରେ ଗୁରୁବାର ଶର୍ଟ ସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟି ଘର ଏବଂ ଦୋକାନ ନଷ୍ଟ ହୋଇଛି। ଏଥିରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷୟକ୍ଷତି ଘଟିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଆନନ୍ଦଙ୍କ ସ୍ତ୍ରୀ, ୩ ଝିଅ ଏବଂ ପୁଅ ରହିଛନ୍ତି। ବହୁକଷ୍ଟରେ ଆନନ୍ଦ ଘର ଏବଂ ପରିବାର ଚଳାଇବା ପାଇଁ ଏକ ଘରେ ହିଁ ଏକ କିରାନା ଦୋକାନ କରିଥିଲେ। ଏହି ଦୋକାନ ତାଙ୍କର ରୋଜଗାରର ଏକମତ୍ର ମାଧ୍ୟମ ଥିଲା। ଏବେ ପରିବାର କେମିତି ଚଳିବ ତାହାକୁ ନେଇ ସେ ଚିନ୍ତାରେ ଭାଙ୍ଗି ପଡ଼ିଛନ୍ତି। ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

# ମୂତ୍ରାଶୟରୁ ବାହାରିଲା ୧୨ଶହ ଗ୍ରାମ୍‌ର ଷ୍ଟୋନ୍

ମାଲକାନଗିରି,୧୯।୫(ଡି.ଏନ୍.ଏ.)

ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟର ଅଭିଜ୍ଞ ଡାକ୍ତର ଗୁରୁବାର ଏକ ସଫଳ ଅସ୍ତ୍ରୋପଚାର କରିଛନ୍ତି। ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଆର୍‌ଏସି ୧୧ ଗ୍ରାମର ଦଶରଥ ଖିଲଙ୍କ ମୂତ୍ରାଶୟରୁ ୧୨ଶହ ଗ୍ରାମ୍‌ର ଷ୍ଟୋନ୍ ବାହାର କରିବାରେ ସଫଳ ହୋଇଛନ୍ତି।

ଦଶରଥ ଦୀର୍ଘଦିନ ଧରି ମୂତ୍ରାଶୟ ଓ ପେଟରେ ଯନ୍ତ୍ରଣା ଭୋଗୁଥିଲେ। ଅସହ୍ୟ ହେବାରୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସି ପରୀକ୍ଷା କରାଇଥିଲେ। ତାଙ୍କ

**ମାଲକାନଗିରି ଡାକ୍ତରଖାନାରେ ସଫଳ ଅସ୍ତ୍ରୋପଚାର**



ରୋଗୀଙ୍କ ମୂତ୍ରାଶୟରୁ ବାହାରିଥିବା ଷ୍ଟୋନ୍‌କୁ ଡାକ୍ତରୀ ଟିମ୍ ଦେଖାଉଛନ୍ତି।

ମୂତ୍ରାଶୟରେ ଷ୍ଟୋନ୍ ଥିବା ରିପୋର୍ଟରୁ ଜଣାପଡ଼ିଥିଲା। ଏହାପରେ ଅଭିଜ୍ଞ ଡା. ସପନ କୁମାର ଦିଣ୍ଡା ଅସ୍ତ୍ରୋପଚାର ମାଧ୍ୟମରେ ଦଶରଥଙ୍କ ମୂତ୍ରାଶୟରୁ ୧୨ଶହ ଗ୍ରାମ୍‌ର ଷ୍ଟୋନ୍ ବାହାର କରିଛନ୍ତି। ଡାକ୍ତରଖାନାର ଡାକ୍ତରୀ ଟିମ୍ ଏଥିରେ ସହଯୋଗ କରିଥିଲେ। ଏତେ ବଡ଼ ଷ୍ଟୋନ୍ ବାହାର କରିବା ସହଜ ନ ଥିବାବେଳେ ଡା. ସପନ ଏହାକୁ ସଫଳ କରି ଦଶରଥଙ୍କୁ କଷ୍ଟମୁକ୍ତ କରିଛନ୍ତି। ଏଥିପାଇଁ ଦଶରଥ ତାଙ୍କୁ ଏବଂ ସହଯୋଗୀମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ପୋଖରୀରୁ ଯୁବକଙ୍କ ମୃତଦେହ ଠାବ

ଗୋପାଳପୁର,୧୯।୫(ଡି.ଏନ.ଏ.)

ଗୋପାଳପୁର ଥାନା ଅଞ୍ଚଳର ଏକ ପୋଖରୀରୁ ପୋଲିସ ଜଣେ ଅଜଣା ଯୁବକଙ୍କ ମୃତଦେହ ଠାବ କରିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ଏହି ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମର ଏକ ପୋଖରୀରେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ସ୍ଥାନୀୟ ଲୋକଙ୍କ ସହଯୋଗରେ ମୃତଦେହ ଠାବ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲା। ଏ ନେଇ ନଂ. ୯/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଯୁବକଙ୍କ ବୟସ ପ୍ରାୟ ୩୫ ହେବ। ସେ ଜଣେ ମାନସିକ ବିକାରଗ୍ରସ୍ତ ବୋଲି ପୋଲିସ ଜାଣିବାକୁ ପାଇଛି।

### ଭାଙ୍ଗିଲା ଡାଳ, ବର୍ତ୍ତିଲେ ଲୋକେ

ପାରଳାଖେମୁଣ୍ଡି,୧୯।୫(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ଟାଉନ ହଲ ପରିସରରେ ଥିବା ବରଗଛର ଏକ ବଡ଼ ଡାଳ ଗୁରୁବାର ମଧ୍ୟାହ୍ନରେ ହଠାତ୍ ଭାଙ୍ଗି ପଡିଥିଲା। ସେ ସମୟରେ ଟାଉନ ହଲ ପରିସରରେ ଭିଡ ଥିଲେ ମଧ୍ୟ ସୌଭାଗ୍ୟବଶତଃ କାହାରି କିଛି କ୍ଷତି ହୋଇନାହିଁ। ସେଠାରେ ଥିବା ଏକ ବିଦ୍ୟାଳୟରେ ଭତ୍ତା ଦିଆଯାଉଥିବା ବେଳେ ୧୦ରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ ଉକ୍ତ ଗଛର ଅତି ପାଖରେ ଥିଲେ ମଧ୍ୟ କାହାରି କିଛି କ୍ଷତି ହୋଇନାହିଁ।

### ରାଜନୀତି ବିଜ୍ଞାନ ବିଭାଗ ପାଠଚକ୍ର

ପାରଳାଖେମୁଣ୍ଡି,୧୯।୫(ଡି.ଏନ୍.ଏ.)

ପାରଳାଖେମୁଣ୍ଡିସ୍ଥିତ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଡ. ବୈଦ୍ୟନାଥ ଦାସଙ୍କ ନିର୍ଦ୍ଦେଶନାରେ ରାଜନୀତି ବିଜ୍ଞାନ ବିଭାଗର ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। 'ଆମ୍ବେଡକର ଏବଂ ଗାନ୍ଧିଜୀ' ଶୀର୍ଷକ ଏହି ପାଠଚକ୍ରରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଆମ୍ବେଡକର ଓ ଗାନ୍ଧୀଙ୍କ ଭାବନା ମଧ୍ୟରେ ଥିବା ପାର୍ଥକ୍ୟ ଓ ଏହି ଦୁଇ ମହାପୁରୁଷଙ୍କ ଚିନ୍ତାଧାରା ବିଷୟରେ ବୁଝାଇଲେ । ପାଠଚକ୍ରରେ ବିଭାଗୀୟ ମୁଖ୍ୟ ଯୋଗଦେବା ସହ ରାଜନୀତି ବିଜ୍ଞାନ ଅତିଥି ଅଧ୍ୟାପିକା ମମତା ବାରିକ ଓ ରାଜନୀତି ବିଜ୍ଞାନର ଅଧ୍ୟାପକ ତ୍ରିପତି ମୁର୍ମୁ ଯୋଗ ଦେଇଥିଲେ । ଯୁକ୍ତ ୩ ତୃତୀୟ ବର୍ଷର ଛାତ୍ର ଧିରୋଜ ପାଇକ ପେପର ପ୍ରେଜେଣ୍ଟେଶନ କରିଥିଲେ।

# ସବ୍‌ଷ୍ଟେଶନରେ ତାଲା ଠୁକିଲେ ପିପିଲିଗୁଡ଼ା ପଞ୍ଚାୟତବାସୀ

ରାୟଗଡ଼ା ଅଫିସ,୧୯।୫

ପ୍ରଚଣ୍ଡ ଖରା ସାଙ୍ଗକୁ ଅଘୋଷିତ ବିଦ୍ୟୁତ୍ କାଟ ଅସହ୍ୟ ହୋଇଛି। ପ୍ରତିବାଦରେ ରାୟଗଡ଼ା ସଦର ବ୍ଲକ ପିପିଲିଗୁଡ଼ା ପଞ୍ଚାୟତର ୭ ଖଣ୍ଡ ଗ୍ରାମର ଗ୍ରାମବାସୀ ଗୁରୁବାର ପିପିଲିଗୁଡ଼ା ବିଦ୍ୟୁତ୍ ସବ୍‌ଷ୍ଟେଶନରେ ତାଲା ପକାଇଛନ୍ତି। ପିପିଲିଗୁଡ଼ା ସରପଞ୍ଚ ରେଣୁକା ମାଣ୍ଡାଙ୍ଗୀଙ୍କ ନେତୃତ୍ୱରେ ଗ୍ରାମବାସୀ ଏକଠି ହୋଇ ସବ୍‌ଷ୍ଟେଶନରେ ତାଲା ପକାଇବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବଡ଼ଆଲୁବାଡ଼ି, ପିପିଲିଗୁଡ଼ା, ମୀରାବାଲି, ଦୁର୍ଗା ପାତ୍ର, କାରୁବାଇ, ଡାଙ୍ଗଲୋଡି ପଞ୍ଚାୟତର ଲୋକଙ୍କୁ ନିରବିଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇବାକୁ ୨୦୨୧ ସେପ୍ଟେମ୍ବରରେ ରାଜ୍ୟ ସରକାରଙ୍କ ଦ୍ୱାରା ପିପିଲିଗୁଡ଼ା ୩୩/ ୧୧ କେଭି ସବ୍‌ଷ୍ଟେଶନ

**ଅଘୋଷିତ ବିଦ୍ୟୁତ୍ କାଟର ପ୍ରତିବାଦ**

ଉଦ୍‌ଘାଟନ ହୋଇଥିଲା। ହେଲେ ଲୋକଙ୍କ ଅସୁବିଧା ଦୂର ହେବା ବଦଳରେ ସମସ୍ୟା ବଢ଼ିଯାଇଛି। ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ପିଲାଙ୍କ ପାଠପଢ଼ାରେ ସମସ୍ୟା ଉପୁଜୁଛି। ବିଭଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଗ୍ରାମବାସୀ କହିଛନ୍ତି। ଏ ନେଇ ପିପିଲିଗୁଡ଼ା ସରପଞ୍ଚ କହିଛନ୍ତି, ଲୋକେ ଅସହ୍ୟ ଗରମ ସମ୍ଭାଳି ନ ପାରି ଗଛମୂଳେ ରହୁଛନ୍ତି। ଅନ୍ୟପକ୍ଷରେ ଲକ୍ଷାଧିକ ଟଙ୍କା ବ୍ୟୟରେ ସବ୍‌ଷ୍ଟେଶନ ନିର୍ମାଣ ହୋଇଛି। ଏହାର ପ୍ରତିବାଦରେ ତାଲା ପକାଯାଇଛି ବୋଲି ସେ କହିଛନ୍ତି।



ସରପଞ୍ଚ ଓ ଗ୍ରାମବାସୀ ବିଦ୍ୟୁତ୍ ସବ୍‌ଷ୍ଟେଶନ କାର୍ଯ୍ୟାଳୟ ଘେରାଉ କରିଛନ୍ତି ।

# ମୁନିଗୁଡ଼ା ହାଇସ୍କୁଲର ପ୍ରଧାନ ଶିକ୍ଷକ ନିଲମ୍ବିତ

ଗୁଣପୁର/ମୁନିଗୁଡ଼ା, ୧୯।୫(ଡି.ଏନ୍.ଏ)

ରାୟଗଡ଼ା ମୁନିଗୁଡ଼ା ବ୍ଲକ୍ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପି.ସୁରେଶ କୁମାର ନିଲମ୍ବିତ ହୋଇଛନ୍ତି। ଛାତ୍ରୀଙ୍କୁ ଅସଦାଚରଣ ମାମଲାରେ ତାଙ୍କୁ ନିଲମ୍ବନ କରାଯାଇଥିବା ଜଣାପଡ଼ିଛି। ଏହି ଘଟଣା ପରେ ମେ ୧୦ ରେ ସୁରେଶଙ୍କୁ ଗିରଫ କରାଯାଇଥିଲା। ଏବେ ସରକାରଙ୍କ ପକ୍ଷରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

ସୁଚନାଯୋଗ୍ୟ, ହଷ୍ଟେଲରେ ରହୁଥିବା ଜଣେ ଦଶମ ଶ୍ରେଣୀର ଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକ ଅଶାଳୀନ ବ୍ୟବହାର କରିଥିବା ଛାତ୍ରୀଙ୍କ ପକ୍ଷରୁ ମୁନିଗୁଡ଼ା ଥାନାରେ ଅଭିଯୋଗ ହୋଇଥିଲା। ମୁନିଗୁଡ଼ା ଥାନା ଅଧିକାରୀ ସୁଜ୍ଞାନୀ ସାହୁ କନ୍ୟାଶ୍ରମରେ ପହଞ୍ଚି ତଦନ୍ତ କରିବା ସହ ପ୍ରଧାନ ଶିକ୍ଷକଙ୍କୁ ଥାନାକୁ ଆଣି ପଚାରା ଉଚରା କରିଥିଲେ। ମେ ୧୨ ରେ ରାୟଗଡ଼ା କୋର୍ଟରେ ଅଭିଯୋଗକାରିଣୀ ଛାତ୍ରୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଏହାପରେ ଥାନାଧିକାରୀ ଅଧିକ ତଦନ୍ତ ନିମନ୍ତେ ପ୍ରଧାନ ଶିକ୍ଷକଙ୍କୁ ଥାନାକୁ ଡକାଇ ତଦନ୍ତ ଜାରି ରଖିଥିଲେ। ତେବେ ପ୍ରଧାନ ଶିକ୍ଷକ

**ଅଭିଯୋଗକୁ ଗ୍ରହଣ କରିପାରୁନାହାନ୍ତି ଅଞ୍ଚଳବାସୀ**

ଶେଷ ପର୍ଯ୍ୟନ୍ତ ଗଣମାଧ୍ୟମ ସମ୍ମୁଖରେ ନିଜକୁ ନିର୍ଦ୍ଦୋଶ ବୋଲି କହିବା ସହ ଷଡ଼ଯନ୍ତ୍ରର ଶିକାର ହୋଇଥିବା କହିଛନ୍ତି। ଅନ୍ୟପକ୍ଷରେ ସାଧାରଣରେ ପ୍ରଧାନ ଶିକ୍ଷକଙ୍କ ଭାବମୂର୍ତ୍ତୀ ଭଲ ଥିବାରୁ ଜନସାଧାରଣ ମଧ୍ୟ ଏଭଳି ସଙ୍ଗୀନ ଅଭିଯୋଗକୁ ଗ୍ରହଣ କରିପାରୁନାହାନ୍ତି। ବାଳିକାମାନଙ୍କ ସୁରକ୍ଷା ନିମନ୍ତେ କନ୍ୟାଶ୍ରମରେ ଦୁଇ ଜଣ ମେଟ୍ରନ୍ ଅଛନ୍ତି। ବିଦ୍ୟାଳୟ ଓ କନ୍ୟାଶ୍ରମରେ ଶିକ୍ଷୟିତ୍ରୀ, ଶିକ୍ଷକ, ପାଚିକା ପ୍ରମୁଖ ଥିବାବେଳେ ଏତେ ସୁରକ୍ଷା ବଳୟକୁ ପାର କରି ପ୍ରଧାନ ଶିକ୍ଷକ କିପରି ଛାତ୍ରୀଙ୍କୁ ଅଶାଳୀନ ବ୍ୟବହାର କରୁଥିଲେ ତାହାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗିରଫ ପୂର୍ବରୁ ପ୍ରଧାନ ଶିକ୍ଷକଙ୍କୁ ଘଟଣା ବିଷୟରେ ପଚାରିବାରୁ ସେ କହିଥିଲେ, ପରୀକ୍ଷା ସରିବା ପରେ ଛାତ୍ରୀମାନେ ମୁନିଗୁଡ଼ା ବଜାର ବୁଲିବାକୁ ଯିବାକୁ ଚାହିଁଥିଲେ। ପ୍ରଧାନ ଶିକ୍ଷକ ସେମାନଙ୍କୁ ମନା କରିଥିଲେ। ସକାଳେ ଅଭିଭାବକମାନଙ୍କ ସହ ଘରକୁ ଫେରିବ ବାଟରେ ବଜାରକୁ ଯାଇ ଜିନିଷ କିଣିବ ବୋଲି ସେ କହିଥିଲେ। କରୋନା ପରିସ୍ଥିତିରେ ଟ୍ରାଫିକ୍ ସମସ୍ୟା ଯୋଗୁ ପ୍ରଧାନ ଶିକ୍ଷକ ପିଲାମାନଙ୍କୁ ମନା କରିଥିଲେ। ପରେ ପିଲାମାନେ ଜିଦ୍ କରିବାରୁ ଅଟୋରେ ଜଣେ ପାଚିକା, ମେଟ୍ରନ କିମ୍ବା ଶିକ୍ଷୟିତ୍ରୀଙ୍କୁ ଦେଇ ପଠାଇବାକୁ କହି ସେ ରୁମ୍‌କୁ ଫେରିଥିଲେ। ହଠାତ ୫ରୁ ୬ ଛାତ୍ରୀ ତାଙ୍କ ରୁମକୁ ଆସି ଆମେ କାହା ସହିତ ଯିବୁନି, ନିଜେ ଯିବୁ ବୋଲି କହିଥିଲେ। ଜିଦ ଧରିବାରୁ ଜଣେ ଛାତ୍ରୀଙ୍କୁ ରାଗରେ ଠେଲି ରୁମ୍‌ରୁ ବାହାର କରିଦେଇଥିଲେ ବୋଲି ପ୍ରଧାନ ଶିକ୍ଷକ ସ୍ୱୀକାର କରିଛନ୍ତି। ଭାଇର ବିବାହ କାର୍ଯ୍ୟକ୍ରମରେ କ୍ଳାନ୍ତ ଓ ଅନିଦ୍ରା ଥିଲେ। ନିଜ ଝିଅ ଭାବି ସେମାନଙ୍କୁ ତାଗିଦ କରିଥିଲେ ବୋଲି କହିଛନ୍ତି। ପୂର୍ବରୁ କୌଣସି ସହକର୍ମୀ କିମ୍ବା ଅନ୍ୟ କେହି ଏଭଳି ଅଭିଯୋଗ କରି ନ ଥିବାବେଳେ ହଠାତ ଏଭଳି ଅଭିଯୋଗ ପଛରେ କିଏ ଅଛନ୍ତି ସେ ଜାଣିପାରୁନାହାନ୍ତି ବୋଲି କହିଛନ୍ତି।

# ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ

ଗୁଣପୁର,୧୯।୫(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ପୌର ସଂସ୍ଥାରେ ୨୦୧୭ରେ କାର୍ଯ୍ୟରତ ଥିବା ଭାରପ୍ରାପ୍ତ କୋଷାଧ୍ୟକ୍ଷ ବି.ମଲିକେଶ୍ୱର ରାଓ ଭତ୍ତା ଟଙ୍କା ଅନିୟମିତାତା କରିଥିବା ଅଭିଯୋଗ ହୋଇଥିଲା। ସେ ୨୫ ଲକ୍ଷ ୨୦ ହଜାର ୭୦୦ ଟଙ୍କା ଅନିୟମିତତା କରିଥିବା ଅଭିଯୋଗ ହୋଇଥିଲା। ଉକ୍ତ ଘଟଣା ଅଡିଟ୍ ରିପୋର୍ଟ ପରେ ସମାନାକୁ ଆସିଥିଲା। ଏହାପରେ ମଙ୍ଗଳବାର ରାୟଗଡ଼ା ଭିଜିଲାନ୍ସ ପକ୍ଷରୁ

**ଗୁଣପୁର ପୌରସଂସ୍ଥାରେ ଭତ୍ତା ଟଙ୍କା ଅନିୟମିତାତା ପ୍ରସଙ୍ଗ**

ପୌର କାର୍ଯ୍ୟାଳୟକୁ ଆସି ଖୋଳତାଡ଼ ଆରମ୍ଭ କରାଯାଇଥିଲା। ଏହି ଘଟଣାରେ ଭିଜିଲାନ୍ସ ପକ୍ଷରୁ ନିଜପଟୁ ୧୩/୨୨ ରେ ଏକ ମାମଲା ରୁଜୁ କରାଯାଇଥିବା ରାୟଗଡ଼ା ଡିଏସ୍‌ପି ସୁରେନ୍ଦ୍ର ନାଥ ରାୟଗୁରୁ ସୂଚନା ଦେଇଛନ୍ତି।

# ଚିତ୍ରକୋଣ୍ଡାରୁ ୪ ଜଣଙ୍କ ଠାରେ ଚିହ୍ନଟ ହେଲାଣି ଡେଙ୍ଗୁ

ଚିତ୍ରକୋଣ୍ଡା,୧୯।୫(ଡି.ଏନ୍.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସଦର ଅଞ୍ଚଳରେ ବର୍ଷଦିନ ଆସିବା ପୂର୍ବରୁ ଡେଙ୍ଗୁ ଭୟ ସୃଷ୍ଟି ହୋଇଛି। ମାତ୍ର କେଇଥରର କାଳବୈଶାଖୀ ବର୍ଷାରେ ଚିତ୍ରକୋଣ୍ଡା ସହର ତଥା କଲୋନୀରେ ରହିଥିବା ଡ୍ରେନ ତଥା ନାଳ ନର୍ଦ୍ଦମାଗୁଡ଼ିକ ଭର୍ତ୍ତି ହୋଇ ରହିଛି। ଏହି କାରଣରୁ ଅଞ୍ଚଳରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢୁଥିବା ଅଭିଯୋଗ ହେଉଛି। ଏହା ମଧ୍ୟରେ ସହରରୁ ୪ଜ ଜଣଙ୍କ ଠାରେ ଡେଙ୍ଗୁ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ଆଉ କେତେଜଣ ବିଶାଖାପାଟଣାରେ ଚିକିତ୍ସିତ ଥିବା ମଧ୍ୟ ଶୁଣାଯାଉଛି। ଏହାକୁ ନେଇ ଏବେ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।

ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟର ଅଧ୍ୟକ୍ଷ ଡାକ୍ତର କ୍ଷୀରୋଦ ଚନ୍ଦ୍ର ମହନ୍ତଙ୍କୁ ଡେଙ୍ଗୁ ବିଷୟରେ ପଚାରିବାରୁ ସେ

- ଅଞ୍ଚଳବସୀ ଭୟଭୀତ
- ଭର୍ତ୍ତି ହୋଇ ରହିଛି ନାଳ, ନର୍ଦ୍ଦମା
- ବର୍ଷା ପୂର୍ବରୁ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି

କହିଛନ୍ତି, ଏ ବିଷୟରେ ସେ ଅବଗତ ଅଛନ୍ତି। ଜ୍ୱରରେ ପୀଡ଼ିତ ଥିବା ଏବଂ ଡେଙ୍ଗୁ ଆଶଙ୍କା କରାଯାଉଥିବା ୩୦ ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି ବୋଲି ସେ କହିଛନ୍ତି। ଏ ନେଇ ମାଲକାନଗିରି ସିଡିଏମ୍‌ଓ ପ୍ରଫୁଲ୍ଲ ନନ୍ଦଙ୍କୁ ପଚାରିବାରୁ ଜିଲାରେ କିଛିଜଣ ଡେଙ୍ଗୁ ପଜିଟିଭ ଚିହ୍ନଟ ହୋଇଥିବା ସୂଚନା ରହିଥିବା କହିଛନ୍ତି। ଏବେ ସୁଦ୍ଧା ଚିତ୍ରକୋଣ୍ଡାରୁ ୪ ଜଣଙ୍କ ଠାରେ ଡେଙ୍ଗୁ ପଜିଟିଭ ଚିହ୍ନଟ ହୋଇଥିବା ସେ କହିଛନ୍ତି। ଏଥିସହ ଚିତ୍ରକୋଣ୍ଡା ସହର ସମେତ କଲୋନୀ ଓ ଗ୍ରାମାଞ୍ଚଳରେ ଡେଙ୍ଗୁଠାରୁ ସୁରକ୍ଷା ନିମନ୍ତେ ଘର ଘର ବୁଲି ସଚେତନତା ସୃଷ୍ଟି କରିବା ନିମନ୍ତେ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟର ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଘରକୁ ଘର ଯାଇ ମଶା ଧୂଆଁ, ଡେଙ୍ଗୁ ପରୀକ୍ଷା ଏବଂ ଚିକିତ୍ସା ଲାଗି ପଦକ୍ଷେପ ନେବାକୁ ସିଡିଏମ୍‌ଓ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ନାଳ ନର୍ଦ୍ଦମା ସମସ୍ୟାର ସମାଧାନ ନିମନ୍ତେ ଚିତ୍ରକୋଣ୍ଡା ବିଡିଓ ଟି. ପଦ୍ମନାଭ ଦୋରାଙ୍କୁ ଜଣାଇବାରୁ ସେଗୁଡ଼ିକୁ ସଫା କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି। ଅଞ୍ଚଳବାସୀ ଭୟରେ ଥିବାରୁ ଅବିଳମ୍ବେ ଜିଲା ପ୍ରଶାସନ ଡେଙ୍ଗୁ ରୋକିବାକୁ ପଦକ୍ଷେପ ନେବାକୁ ଅଞ୍ଚଳର ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ, ଗତବର୍ଷ ଅଗଷ୍ଟରେ ଚିତ୍ରକୋଣ୍ଡା ଡେଙ୍ଗୁ ଚିନ୍ତାର କାରଣ ହୋଇଥିଲା। ତେଣୁ ବର୍ଷା ପୂର୍ବରୁ ଏ ନେଇ ପଦକ୍ଷେପ ନେବାକୁ ଦାବି ହେଉଛି।

# ଥାନା ଆଗରେ ଆତ୍ମାହୁତି ଉଦ୍ୟମ କଲେ ମହିଳା

ମାଲକାନଗିରି,୧୯।୫(ଡି.ଏନ୍.ଏ.)–

ମାଲକାନଗିରି ସଦର ଥାନା ସମ୍ମୁଖରେ ଜଣେ ମହିଳା ଗୁରୁବାର ଆତ୍ମାହୁତି ଉଦ୍ୟମ କରିଛନ୍ତି। ସେ ହେଲେ ମାଲକାନଗିରି ବ୍ଲକ ଅନ୍ତର୍ଗତ ଗଙ୍ଗଲା ଗ୍ରାମର ସୁକାନ୍ତି ମାଝି(୫୦)। ଶରୀରରେ ନିଆଁ ଲଗାଉଥିବା ଦେଖି ଥାନା ଅଧିକାରୀ ଏବଂ ପୋଲିସ କର୍ମଚାରୀମାନେ ତାଙ୍କୁ ଅଟକାଇ ଉଦ୍ଧାର କରିଛନ୍ତି। ତେବେ ପୋଲିସଠାରୁ ନ୍ୟାୟ ନ ମିଳିବାରୁ ଦେହରେ କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିବା ସୁକାନ୍ତିଙ୍କ ପରିବାର ଲୋକେ କହିଛନ୍ତି।

ସୂଚନା ଅନୁଯାୟୀ, ମେ ୯ ଭୋର ପ୍ରାୟ ୩ଟାରେ ସୁକାନ୍ତିଙ୍କ ନଣନ୍ଦ ଦେବକୀ ହନ୍ତାଳଙ୍କୁ ତାଙ୍କ ଦିଅର ବଳରାମ ଓ ଅନ୍ୟ ସମ୍ପର୍କୀୟମାନେ ମିଶି ବିନା କାରଣରେ ଗାଳିଗୁଲଜ କରିବା ସହ ଶାଢ଼ି ଚିରି ମାଡ଼ ମାରିଥିଲେ। ଏହା ଦେଖି ସୁକାନ୍ତି ନଣନ୍ଦଙ୍କୁ ରକ୍ଷା କରିବା ସହ ମାଡ଼ର ପ୍ରତିବାଦ କରିଥିଲେ। ଫଳରେ ସୁକାନ୍ତି ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଏଥିରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଏହାକୁ ନେଇ ସୁକାନ୍ତି ସେହିଦିନ ହିଁ ମାଲକାନଗିରି ଆଦର୍ଶ ଥାନାରେ ଏତଲା ଦେଇଥିଲେ। ଏଥିରେ ଦେବକୀଙ୍କ ଦିଅର ବଳରାମଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ଲୋକଙ୍କ ନାମରେ ଅଭିଯୋଗ ହୋଇଥିଲା। ପୋଲିସ ଏହାର ତଦନ୍ତ କରି ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସୁକାନ୍ତି ଦାବି କରିଥିଲେ। ତେବେ



ଥାନା ସମ୍ମୁଖରୁ ସୁକାନ୍ତିଙ୍କୁ ଉଦ୍ଧାର କରି ନିଆଯାଉଛି।

**ପୋଲିସଠାରୁ ମିଳିଲାନି ନ୍ୟାୟ**

ଏହି ଘଟଣାରେ ଅପରପକ୍ଷ ଲୋକେ ମଧ୍ୟ ମେ ୧୦ ରେ ଥାନାରେ ଏତଲା ଦେଇଛନ୍ତି। ଗାଁର ବଳରାମ ହନ୍ତାଳଙ୍କ ଭାଇ ଭଗୁଙ୍କୁ ଦେବକୀ ୭ ବର୍ଷ ତଳେ ବିବାହ କରିଥିଲେ। ପରେ ଭଗୁଙ୍କୁ ଛାଡ଼ି ଅନ୍ୟତ୍ର ବିବାହ କରିଥିଲେ। ୧୦ଦିନ ତଳେ ଭଗୁଙ୍କ ମୃତ୍ୟୁ ଘଟିଥିଲା। ଦେବକୀ ଏବଂ ତାଙ୍କ ଭାଉଜ ଦଶାହ କାର୍ଯ୍ୟରେ ଯୋଗଦେଇ ବିନା କାରଣରେ ଗାଳିଗୁଲଜ କରିବା ସହ ଚପଲରେ ମାଡ଼ ମାରିଥିବା ବଳରାମ ଏତଲାରେ ଉଲ୍ଲେଖ କରିଛନ୍ତି। ଏହି ଘଟଣାକୁ ନେଇ ଗ୍ରାମବାସୀ ଏକ ବୈଠକ କରିଥିବାବେଳେ ବୈଠକରେ ମଧ୍ୟ ଯୋଗଦେଇ ନ ଥିଲେ। ଫଳରେ ସେ ଥାନାର ଦ୍ୱାରସ୍ଥ ହୋଇଥିବା ଉଲ୍ଲେଖ କରିଛନ୍ତି। ତେବେ ଏହି ଘଟଣାର ପ୍ରାୟ ୧୦ ଦିନ ବିତିଯାଇଥିଲେ ମଧ୍ୟ ଏହାର କୌଣସି ସମାଧାନ ନ ହେବାରୁ ଗୁରୁବାର ସୁକାନ୍ତି ଥାନା ସମ୍ମୁଖରେ ନିଜ ଦେହରେ କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ।

ଏ ବିଷୟରେ ମାଲକାନଗିରି ଏସ୍‌ଡିପିଓ ଶୁଭେନ୍ଦୁ କୁମାର ପାତ୍ରଙ୍କୁ ପଚାରିବାରୁ ଉଭୟ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ୨୫୧/୨୨ ଏବଂ ୨୫୫/୨୨ରେ ଦୁଇଟି ମାମଲା ରୁଜୁ କରାଯାଇ ଉଭୟ ପକ୍ଷଙ୍କୁ ନୋଟିସ କରାଯାଇଥିବା ସେ କହିଛନ୍ତି।

# ତୁରନ୍ତ ମେଗା ପ୍ରୋଜେକ୍ଟ କାର୍ଯ୍ୟ ଶେଷ କରିବାକୁ ତାଗିଦ

ବୋରିଗୁମ୍ମା, ୧୯।୫(ଡି.ଏନ୍.ଏ.)

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ସଭାଗୃହରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ ଅଧ୍ୟକ୍ଷା ଦୀପ୍ତିମୟୀ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଦଳଗତ ନିର୍ବିଶେଷରେ ବ୍ଲକ ପାଇଁ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ବୋରିଗୁମ୍ମା ବ୍ଲକରେ ପାନୀୟ ଜଳ ସମସ୍ୟା ଲାଗିରହିଛି। ବ୍ଲକରେ ନିରନ୍ତର ପାନୀୟ ଜଳ ଯୋଗାଣ ପାଇଁ ୪ ବର୍ଷ ତଳେ ମୁରାନରେ ମେଗା ପ୍ରୋଜେକ୍ଟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ଠିକା ନେଇଥିବା କମ୍ପାନୀ କାମ ଧୀରେ ଧୀରେ କରୁଥିବାରୁ ଏପର୍ଯ୍ୟନ୍ତ ବ୍ଲକବାସୀ


ବୈଠକରେ ବିଧାୟକ, ଲୋକ ପ୍ରତିନିଧି ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ।

ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ତୁରନ୍ତ ମେଗା ପ୍ରୋଜେକ୍ଟ କାର୍ଯ୍ୟ ଶେଷ କରିବାକୁ ଠିକା କମ୍ପାନୀ କର୍ତ୍ତୃପକ୍ଷଙ୍କୁ ବିଧାୟକ ତାଗିଦ କରିଛନ୍ତି। ସବୁ ଗାଁରେ ପାନୀୟ ଜଳର ସମସ୍ୟା ରହିଛି। ବିଭାଗୀୟ କନିଷ୍ଠଯନ୍ତ୍ରୀ ଏହି ସମସ୍ୟାକୁ ଗୁରୁତ୍ୱ ଦେଉ ନ ଥିବା ବୈଠକରେ ଅଭିଯୋଗ ହୋଇଥିଲା।

- ବୋରିଗୁମ୍ମା ପଞ୍ଚାୟତ ସମିତି ବୈଠକ
- ପାନୀୟ ଜଳ ସମସ୍ୟାକୁ ନେଇ ବୈଠକରେ ହୋହାଲ୍ଲା

ବୈଠକରେ ପାନୀୟ ଜଳ ସମସ୍ୟା ନେଇ ହୋହଲ୍ଲା ହୋଇଥିଲା। ଏନେଇ ଆର୍‌ଡବ୍ଲ୍ୟୁଏସ୍‌ଏସ୍ କନିଷ୍ଠଯନ୍ତ୍ରୀଙ୍କ ଉପରେ ବିଧାୟକ ବିଗିଡି ଥିଲେ। ଡେଙ୍ଗପଦର ଡାକ୍ତରଖାନାକୁ ଆମ୍ବୁଲାନ୍ସ ଯୋଗାଇ ଦେବାକୁ ବିଧାୟକଙ୍କୁ ଅନୁରୋଧ କରାଯାଇଛି। ବୋରିଗୁମ୍ମା ସହରରେ ପାନୀୟ ଜଳର ସମସ୍ୟା ଲାଗି ରହିଥିବାବେଳେ ସାହିରେ ଷ୍ଟ୍ରିଟ୍‌ଲାଇଟ ଜଳୁ ନ ଥିବା ବୋରିଗୁମ୍ମା ସମିତି ସଭ୍ୟା ପ୍ରିୟଙ୍କା ରଥ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ରାଧାକାନ୍ତ ସାମନ୍ତରାୟ, ଜିଲା ପରିଷଦ ସଭ୍ୟ ପ୍ରସାଦ ବିଡିକା, ମଞ୍ଜୁଳା ଘାସୀ, ପିଙ୍କୁ ଶତପଥୀ, କୋରାପୁଟ ଏମ୍‌ପିଙ୍କ ପ୍ରତିନିଧି ରାମଚନ୍ଦ୍ର ପାଢ଼ୀ, ନବରଙ୍ଗପୁର ଏମ୍‌ପିଙ୍କ ପ୍ରତିନିଧି କେଶବ ପଣ୍ଡା, ମନ୍ତ୍ରୀଙ୍କ ପ୍ରତିନିଧି ନରେନ୍ଦ୍ର ବିଶୋୟୀଙ୍କ ସହ ୩୧ ପଞ୍ଚାୟତର ନବନିର୍ବାଚିତ ସରପଞ୍ଚ, ସମିତିସଭ୍ୟ, କୃଷି, ମୃତ୍ତିକା ସଂରକ୍ଷଣ, ଜଳସେଚନ, ଶିକ୍ଷା, ପୂର୍ତ୍ତ ବିଭାଗ, ଯୋଗାଣ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ଓଡିଶା ଜୀବିକା ମିଶନ, ଲ୍ୟାମ୍ପ୍‌ସ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜୋନ୍-୧ ଜିଲା ପରିଷଦ ସଭ୍ୟ ପ୍ରସାଦ ବିଡିକା ବିଡିଓ ପ୍ରଣୟ ରଞ୍ଜନ ବେହେରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ସଂକ୍ଷେପରେ

### ୨ ମଦ ଭାଟି ଭାଙ୍ଗିଲା ଅବକାରୀ ପୋଲିସ

ଜୟପୁର, ୧୯।୫ (ନି.ପ୍ର.)- ଜୟପୁର ସଦର ଥାନା ଅଧୀନ ପକ୍କୁଲୁଗୁଡାରେ ଅବକାରୀ ଚଢ଼ାଉ ହୋଇଛି। ପକ୍କୁଲୁଗୁଡାରେ ମଦ ଓ ପୋଚ ଲୁଚାଇ ରଖାଯାଇଥିବା ସୂଚନା ପାଇ ଜୟପୁର ଅବକାରୀ ବିଭାଗ ସେଠାରେ ଚଢ଼ାଉ କରିଥିଲା। ଚଢାଉ କରି ୨ଟି ମଦ ଭାଟି ଭାଙ୍ଗିବା ସହ ୧୮ ଶହ ଲିଟର ପୋଚ ଓ ୨୫୦ ଲିଟ ଦେଶୀ ମଦ ଜବତ ନଷ୍ଟ କରାଯାଇଛି। ଘଟଣାସ୍ଥଳରୁ ମଦ ବ୍ୟବସାୟୀମାନେ ଚମ୍ପଟ ମାରିଥିବାବେଳେ ମଦରନ୍ଧା ସରଞ୍ଜାମ, ଡ୍ରମ ଆଦିକୁ ଅବକାରୀ ବିଭାଗ ଜବତ କରିଛି। ଏହି ଚଢାଉରେ ଅବକାରୀ ନୀରିକ୍ଷକ ଦୁର୍ବାଦଳ ବିଶ୍ୱାଳ, ଓଆଇସି ସଞ୍ଜୟ କୁମାର ତାଣ୍ଡି, ଏଏସ୍‌ଆଇ ଏମ. ଲକ୍ଷ୍ମଣ ରାଓ, ମାଧବେଶ ମାରାଣ୍ଡି ଚଢାଉ ସାମିଲ ହୋଇଛନ୍ତି।

### ୱାଟର ହିଟରରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମହିଳା ମୃତ

ନବରଙ୍ଗପୁର, ୧୯।୫(ବି.ପ୍ର.)- ପାଣି ଗରମ କଲା ବେଳେ ୱାଟର ହିଟରର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁବାର ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ନବରଙ୍ଗପୁର ସହର ସଙ୍ଖାରିସାହିର କିଶୋର କୁମାର ବେହେରାଙ୍କ ସ୍ତ୍ରୀ ପ୍ରତିମା ବେହେରା (୨୫)। ସୂଚନାନୁଯାୟୀ, କୋରାପୁଟ ଜିଲା କୋଟପାଡ଼ ଅଞ୍ଚଳର ପ୍ରତିମା ପ୍ରାୟ ୩ ବର୍ଷ ତଳେ ନବରଙ୍ଗପୁର ସଙ୍ଖାରିସାହିର କିଶୋରଙ୍କୁ ବିବାହ କରିଥିଲେ। କିଶୋର ତୀର୍ଥ କରିବାପାଇଁ ବାହାର ରାଜ୍ୟକୁ ଯାଇଛନ୍ତି। ଘରେ ପ୍ରତିମା ତାଙ୍କ ଶାଶୁ, ନଣନ୍ଦ ଓ ୨ ବର୍ଷର ପୁଅ ସହ ଅଛନ୍ତି। ପ୍ରତିଦିନ ଭଳି ଗୁରୁବାର ପ୍ରତିମା ସକାଳୁ ଉଠି ଘର କାମ ସାରିଥିଲେ। ଗାଧୋଇବା ପାଇଁ ପାଣି ଗରମ କରିବାକୁ ୱାଟର ହିଟର ଲଗେଇଥିଲେ। କିଛି ସମୟ ପରେ ଘର ଲୋକ ଦେଖିଲା ବେଳକୁ ୱାଟର ହିଟର ପାଖରେ ପ୍ରତିମା ଅଚେତ ହୋଇ ପଡ଼ିଥିଲେ। ଘର ଲୋକ ତୁରନ୍ତ ଡାକ୍ତରଖାନା ନେବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଯୁବକଙ୍କ ଆତ୍ମହତ୍ୟା

କୋଡିଙ୍ଗା,୧୯।୫(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା କୋଡିଙ୍ଗା ଥାନା କୋକଡି ସେମଲା ଗ୍ରାମ ଗାଇଦରାସ ପାଖ ଆମ୍ବ ତୋଟା ନିକଟରେ ବେକରେ ଦଉଡି ଦେଇ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ କୋକଡି ସେମଲା ଗ୍ରାମର ଜଗନ୍ନାଥ ଚଲାଣ(୧୯)। ମିଳିଥିବା ସୂଚନାନୁଯାୟୀ, ବୁଧବାର ରାତିରେ ନାଟ ଦେଖିବା ପାଇଁ ଜଗନ୍ନାଥ ନିକଟ କେର୍ଲା ଗ୍ରାମକୁ ଯାଇଥିଲେ । ସେ ରାତିରେ ନ ଫେରିବାରୁ ଘର ଲୋକେ ଖୋଜାଖୋଜି କରିଥିଲେ। ସକାଳ ପ୍ରାୟ ସାଢେ ୯ଟାରେ ଗାଇଦରାସ ନିକଟରେ ଜଗନ୍ନାଥଙ୍କ ଝୁଲନ୍ତା ମୃତଦେହ ଦେଖି ଅଞ୍ଚଳବାସୀ ତାଙ୍କ ପରିବାରକୁ ଖବର ଦେଇଥିଲେ। ଏନେଇ କୋଡିଙ୍ଗା ଥାନାରେ ୬/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିବା କୋଡିଙ୍ଗା ଥାନା ଏଏସ୍‌ଆଇ ହରି ଶଙ୍କର ହନ୍ତାଳ ସୂଚନା ଦେଇଛନ୍ତି।

### ଗାଁ ସାଥୀଙ୍କୁ ଫାର୍ମପଣ୍ଡ ନିରୀକ୍ଷଣରେ ନିୟୋଜିତ ଦାବି

କୋରାପୁଟ,୧୯।୫(ସ୍ୱ.ପ୍ର.)- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଗାଁ ସାଥୀମାନେ ନିୟୋଜିତ ହୋଇ କାମ କରୁଛନ୍ତି। ମୃତ୍ତିକା ସଂରକ୍ଷଣ, ଉଦ୍ୟାନ ଓ ବନ ବିଭାଗ ତରଫରୁ ଜିଲାରେ ଫାର୍ମପଣ୍ଡ କାର୍ଯ୍ୟ କରାଯାଉଛି। କିନ୍ତୁ ଉକ୍ତ ପ୍ରକଳ୍ପରେ ଗାଁ ସାଥୀମାନଙ୍କୁ କାମ ମିଳୁ ନାହିଁ। ତେଣୁ ଗୁରବାର ଜିଲା ଗାଁ ସାଥି ସଂଘର କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ଭେଟିଥିଲେ। ବିଭିନ୍ନ ବିଭାଗ ଦ୍ୱାରା କରାଯାଉଥିବା ଫାର୍ମ ପଣ୍ଡ କାର୍ଯ୍ୟର ନିରୀକ୍ଷଣ ନିମନ୍ତେ ଗାଁ ସାଥୀମାନଙ୍କୁ ଉଚିତ୍ ମୂଲ୍ୟ ଦେଇ ନିୟୋଜିତ କରିବାକୁ ଦାବି କରାଯାଇଥିବା ରାଜ୍ୟ ସଂଘ ନେତା ରାମଶ୍ୟାମ ବିଡିକା କହିଛନ୍ତି।

# ଶୋଇଥିବାବେଳେ ନାବାଳକଙ୍କ ମୃତ୍ୟୁ

## ହତ୍ୟା ଅଭିଯୋଗ ଆଣିଲେ ପରିବାର

ନବରଙ୍ଗପୁର,୧୯।୫ (ବି.ପ୍ର.)

ନବରଙ୍ଗପୁର ବ୍ଲକ ଅଗ୍ନିପୁର ପଞ୍ଚାୟତ ଚକାଛାପର ଗ୍ରାମରେ ବୁଧବାର ରାତିରେ ଶୋଇଥିବାବେଳେ ଜଣେ ନାବାଳକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି।ଗୁରୁବାର ସକାଳୁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତକହେଲେ ଡମ୍ବୁରୁ ଭତରାଙ୍କ ପୁଅ ଟିମା(୧୩)। ସୂଚନାନୁଯାୟୀ, ଟିମା ବୁଧବାର ରାତିରେ ନିଜ ଘର ଛାତ ଉପରେ ଶୋଇଥିଲେ। କିନ୍ତୁ ସକାଳୁ ତାଙ୍କ ମୃତଦେହ ପରିବାର ଲୋକେ ଦେଖିଥିଲେ। ତାଙ୍କ ଦେହରେ କୌଣସି କ୍ଷତ ନଥିବାବେଳେ ମୁଣ୍ଡରେ ଆଘାତ ଲାଗିଛି। ତାଙ୍କୁ ରାତିରେ କେହି ହତ୍ୟା କରିଥବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଡମ୍ବୁରୁଙ୍କ ଅଭିଯୋଗ ପ୍ରକାରେ ନବରଙ୍ଗପୁର ଥାନାରେ ୨୨୩/୨୨ରେ ଏକ ମାମଲା ରୁଜୁ ହୋଇଛି। ନବରଙ୍ଗପୁର ଥାନାଧିକାରୀ ତାରିକ ଅହମ୍ମଦ ଘଟଣା ସମ୍ପର୍କ ଅନୁଧ୍ୟାନ କରି ତଦନ୍ତ କରୁଛନ୍ତି। ତଦନ୍ତ ପରେ ସମସ୍ତ ତଥ୍ୟ ଜଣାପଡିବ ବୋଲି କହିଛନ୍ତି ଥାନା ଅଧିକାରୀ। ଘଟଣା ସ୍ଥଳରେ ନବରଙ୍ଗପୁର ପୋଲିସ ଏବଂ ସାଇସିପିଟି ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ନବରଙ୍ଗପୁର ପୋଲିସ ଚକାଚାପର ଗ୍ରାମର ଜଣେ ବ୍ୟକ୍ତିଙ୍କୁ ସନ୍ଦେହରେ ଅଟକ ରଖି ପଚରା ଉଚରା କରୁଥିବା ସୂଚନା ମିଳିଛି।

# ପୋଲ ନିର୍ମାଣ ନ ହେଲେ ରାସ୍ତାରୋକ ଚେତାବନୀ

ଜୟପୁର, ୧୯।୫ (ନି.ପ୍ର.)

**ଉପଜିଲାପାଳଙ୍କୁ ଅଞ୍ଚଳବାସୀଙ୍କ ଦାବିପତ୍ର**

ଜୟପୁର ବ୍ଲକ ଅଧୀନ ମୂଳାଶର ଗ୍ରାମକୁ ସଂଯୋଗ କରୁଥିବା କେନାଲ ପୋଲ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହାର ନିର୍ମାଣ ନେଇ ବାରମ୍ବାର ପ୍ରଶାସନକୁ ଅବଗତ କରାଇବା ପରେ ମଧ୍ୟ ମରାମତି ହେଉ ନ ଥିବାରୁ ଗ୍ରାମବାସୀ ରାସ୍ତାରୋକୋ କରିବେ ବୋଲି ଜୟପୁର ଉପଜିଲାପାଳ ବେଦବର ପ୍ରଧାନଙ୍କୁ ଭେଟି ଗୁରୁବାର ଦାବିପତ୍ର ଦେଇଛନ୍ତି।

ମୂଳାଶର ଗ୍ରାମକୁ ସଂଯୋଗ କରୁଥିବା କେନାଲ ପୋଲଟି ପ୍ରାୟ ୩୦ ବର୍ଷ ତଳେ ନିର୍ମାଣ କରାଯାଇଥିଲା। ଏହା ଉପରେ ୫ରୁ ୬ ଗ୍ରାମର ଲୋକ ନିର୍ଭର କରନ୍ତି। ୩ ବର୍ଷ ହେବ ଏହି ପୋଲ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଉକ୍ତ ପୋଲ ଉପରେ ଏବେ ଗାଡ଼ି ଯିବାଆସିବା କରିବା ସମୟରେ ହଲୁଛି। ଏହାର ଗାର୍ଡୱାଲ ମଧ୍ୟ ଭାଙ୍ଗିଯାଇଛି। ଯାତାୟାତ ବେଳେ ୨ଜଣ ପୋଲରୁ ପଡ଼ି ଗୁରୁତର ହୋଇଥିବାବେଳେ ଅନେକ ଗାଈ ଛେଳି ଜୀବନ ହରାଇଛନ୍ତି। ଏହି ବିପଦସଙ୍କୁଳ ପୋଲର ପୁନଃ ନିର୍ମାଣ ନେଇ ଜଳସମ୍ପଦ ବିଭାଗ ମୁଖ୍ୟ ଓ ଜିଲାପାଳଙ୍କୁ ବାରମ୍ବାର ଅବଗତ କରାଇଲେ ମଧ୍ୟ ଅଧିକାରୀମାନେ ସେ ଦିଗରେ ଦୃଷ୍ଟି ଦେଉନାହାନ୍ତି। ସରକାର ଲୋକଙ୍କ ମୌଳିକ ଅଧିକାର ପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଗ୍ରାମବାସୀ ରାସ୍ତାରୋକୋ କରିବାକୁ ନିଷ୍ପତ୍ତି ନେଇଥିବା ସାମାଜିକ କର୍ମୀ ବି. ହରି ରାଓ, ରାମଚନ୍ଦ୍ର ଭୂମିଆ, ଶୁକଦେଇ ଜାନି, ନାରାୟଣୀ ତନ୍ତି ସୂଚନା ଦେଇଛନ୍ତି।



ଉପଜିଲାପାଳଙ୍କୁ ଦାବି ଜଣାଇବାକୁ ଆସିଥିବା ମୂଳାଶର ଗ୍ରାମବାସୀ।

# ଇଂ. ଚନ୍ଦନା ମଲ୍ଲିକ ରାଜ୍ୟ ହକି ସଂଘର ଆଜୀବନ ସଦସ୍ୟା

ଉମରକୋଟ, ୧୯।୫(ସ୍ୱ.ପ୍ର.)

ରାଜ୍ୟ ହକି ସଂଘ ପକ୍ଷରୁ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ପ୍ରଥମ ଜେନେରାଲ ବଡି ମିଟିଙ୍ଗ ଅନୁଷ୍ଠିତ ହୋଇଛି। ଓଡିଶା ହକି ପ୍ରୋମସନ ଚେୟାରମ୍ୟାନ ଡ଼କ୍ଟର ଦିଲ୍ଲୀପ ତିର୍କୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ କ୍ରୀଡ଼ାବିତମାନେ ଯୋଗ ଦେଇଥିଲେ। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନିଜର କାର୍ଯ୍ୟଦକ୍ଷତା ପାଇଁ ଆଦିବାସୀ ଅଧ୍ୟୁଷିତ ନବରଙ୍ଗପୁର ଜିଲାର ମହିଳା କ୍ରୀଡା ସମ୍ପାଦକ ଚନ୍ଦନା ମଲ୍ଲିକଙ୍କୁ ରାଜ୍ୟ ହକି ସଂଘର ଆଜୀବନ ସଦସ୍ୟା ଭାବେ ମନୋନୀତ କରାଯାଇଛି। ଏଥିସହ ହକି ତାରକା ପଦ୍ମଶ୍ରୀ ଡ଼କ୍ଟର ଦିଲ୍ଲୀପ ତିର୍କୀ ନିଜ ଅଟୋଗ୍ରାଫ ଥିବା ହକି ଷ୍ଟିକ ଦେଇ ଚନ୍ଦନାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଚନ୍ଦନା ମଲ୍ଲିକ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଜିଲା କ୍ରୀଡା ସଂଘ ସଭାପତି ଜିଲାପାଳ ଡ଼କ୍ଟର କମଳ ଲୋଚନ ମିଶ୍ର, ଜିଲା କ୍ରୀଡାଧିକାରୀ ମହେନ୍ଦ୍ର ସାହୁ,


ହକି ତାରକା ଦିଲ୍ଲୀପ ତିର୍କୀ ଚନ୍ଦନା ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

ଜିଲା କ୍ରୀଡା ସଙ୍ଘ ସମ୍ପାଦକ ପ୍ରହଲାଦ ତ୍ରିପାଠୀ, ଉପସଭାପତି ତଥା ବିଜେଡି ଜିଲା ସଂଯୋଜକ ପ୍ରମୋଦ ପାଢ଼ୀ, ଉପସଭାପତି ଏମ. ବାଲା କ୍ରିଷ୍ଣା ରାଓ ଏବଂ ସମସ୍ତ କାର୍ଯ୍ୟକତାଙ୍କୁ ଏହାର ଶ୍ରେୟ ଦେବା ସହ କୃତଜ୍ଞତା ଜଣାଇଛନ୍ତି।

# ରେଳଧାରଣାରୁ ମୃତଦେହ ଜବତ

ଜୟପୁର, ୧୯।୫ (ନି.ପ୍ର.)

ଜୟପୁର ରେଳ ଷ୍ଟେସନ ନିକଟରେ ଗୁରୁବାର ଜିଆରପିଏସ୍ କ୍ଷତବିକ୍ଷତ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ମୃତକଙ୍କ ଉପରେ ଏକ ମାଲବାହୀ ଟ୍ରେନ ମାଡି ଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ମୃତ ବ୍ୟକ୍ତି ଜଣକ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ତାଙ୍କର ପରିଚୟ ମିଳି ନ ଥିବାବେଳେ ବୟସ ୪୦ ହେବ ବୋଲି ଜଣାଯାଇଛି। ମୃତଦେହକୁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖାଯାଇଛି।

# ଇଣ୍ଡିଆନ ଗ୍ରାଣ୍ଡ ପ୍ରିକ୍ସରେ ରମେଶ ସ୍ୱାଇଁ ବୈଷୟିକ ଅଧିକାରୀ

ଦାମନଯୋଡି, ୧୯।୫ (ଡି.ଏନ୍.ଏ.)



ଓଡ଼ିଶା ସରକାର, ଆଥଲେଟିକ୍ସ ଫେଡେରେସନ ଅଫ ଇଣ୍ଡିଆ ଓ ଓଡିଶା ଆଥଲେଟିକ୍ସ ଆସୋସିଏସନ ମିଳିତ ସହଯୋଗରେ ଚଳିତ ମେ ୨୧ ଓ ୨୪ତାରିଖରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଇଣ୍ଡିଆନ ଗ୍ରାଣ୍ଡ ପ୍ରିକ୍ସ ୩ ଓ ୪ ଅନୁଷ୍ଠିତ ହେଉଛି। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଦାମନଯୋଡି ସରସ୍ୱତୀ ବିଦ୍ୟାମନ୍ଦିରର ଶାରୀରିକ ଶିକ୍ଷା ଶିକ୍ଷକ ଡ. ରମେଶ ଚନ୍ଦ୍ର ସ୍ୱାଇଁ ବୈଷୟିକ ଅଧିକାରୀ ରୂପେ ନିଯୁକ୍ତ ହୋଇଛନ୍ତି। ସେ ଥ୍ରୋ ବିଭାଗର ମୁଖ୍ୟଭାବେ ଦାୟିତ୍ୱ ତୁଲାଇବେ। ଡ.ସ୍ୱାଇଁ ପୂର୍ବରୁ ମଧ୍ୟ ବହୁ ଜାତୀୟ ଓ ଅର୍ନ୍ତଜାତୀୟ କ୍ରୀଡ଼ାରେ ସଫଳତାର ସହିତ ଦାୟିତ୍ୱ ତୁଲାଇଛନ୍ତି। ଏହି ଦୁଇଟି ଗ୍ରାଣ୍ଡ ପ୍ରିକ୍ସ ଖେଳରେ ମଧ୍ୟ ସୁଚାରୁରୂପେ ଦାୟିତ୍ୱ ସମ୍ପାଦନ କରିବେ ବୋଲି ସେ କହିଛନ୍ତି। ଉଲ୍ଲେଖନୀୟ ଏହି ଗ୍ରାଣ୍ଡ ପ୍ରିକ୍ସରେ ବହୁ ପ୍ରତିଭା ସମ୍ପନ୍ନ ଖେଳାଳୀ ଭାଗନେବେ। ବିଶ୍ୱ ଆଥଲେଟିକ୍ସ ଓ କମନ ୱେଲଥ୍ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ ନିମନ୍ତେ ଏହି ଇଣ୍ଡିଆନ ଗ୍ରାଣ୍ଡ ପ୍ରିକ୍ସ ଖେଳ ଗୁରୁତ୍ୱପୂର୍ଣ୍ଣ ଅଟେ।

# ଡିଇଓ ଅଫିସ୍ ଆଗରେ ଧାରଣା

କୋରାପୁଟ,୧୯।୫(ସ୍ୱ.ପ୍ର.)

**ସପ୍ତମ ବେତନ ଲାଗୁ ପଦ୍ଧତିରେ ସଂଶୋଧନ ଦାବି କଲା ଓଷ୍ଟା**

ଓଡିଶାରେ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟମାନଙ୍କୁ ସପ୍ତମ ବେତନ ନାମରେ ନୂତନ ନୀତି ପ୍ରଣୟନ କରାଗଲା। ତାକୁ ଲାଗୁ କରିବା ପାଇଁ ଗତ ୧୩ ତାରିଖରେ ଯେଉଁ ପଦ୍ଧତି ନିର୍ଦ୍ଧାରଣ କରାଗଲା ତାହାର ସଂଶୋଧନ କରିବା ପାଇଁ କୋରାପୁଟ ଓଷ୍ଟା ପକ୍ଷରୁ ଦାବି କରାଯାଇଛି। ଓଷ୍ଟାର ସଦସ୍ୟାନେ ଗୁରୁବାର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଯଦି ସପ୍ତମ ବେତନ ପାଇଁ ନିର୍ଦ୍ଧାରିତ ପଦ୍ଧତିକୁ ସଂଶୋଧନ ନ କରାଯାଏ ନ ଯାଏ ତେବେ ଆସନ୍ତା ଦିନରେ ଶିକ୍ଷକମାନେ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଓଷ୍ଟାର ଜିଲା ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ ଧାରଣାବେଳେ କହିଛନ୍ତି। ଜିଲା ସମ୍ପାଦକ ଅଶୋକ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ କରାଯାଇଥିବା ଏହି ଧାରଣାରେ ଜିଲା ସଭାପତି ସୁଶାନ୍ତ କୁମାର ଖୁଣ୍ଟିଆ, ରାଜ୍ୟ ଉପସଭାପତି ରାମକୃଷ୍ଣ ସାବତ, ଜିଲା କାର୍ଯ୍ୟକାରିଣୀ ସଭାପତି ବିଜୟ କୁମାର ଭଟ୍ଟ, ଜିଲା କାର୍ଯ୍ୟକାରିଣୀ ସଭ୍ୟ ଦେବେନ୍ଦ୍ର କୁମାର ବୈଦ୍ୟ, ଜିଲା ଉପସଭାପତି ସ୍ୱର୍ଣ୍ଣଲତା ପରିଡା, ଜିଲା କାର୍ଯ୍ୟକାରୀଣୀ ସଭ୍ୟ ଭଞ୍ଜକିଶୋର ରାଉତ, ଜିଲା ସହ ସମ୍ପାଦକ ଆର ଦିବାକର ରାଓ, ଜିଲା ଉପଦେଷ୍ଟା ରଞ୍ଜନ କୁମାର ସ୍ୱାଇଁ ଓ ରତିକାନ୍ତ ଦାସ ସମେତ ଓଷ୍ଟାର ବହୁ ସଦସ୍ୟମାନେ ଧାରଣାରେ ସାମିଲ ଥିଲେ।


ଧାରଣାରେ ସାମିଲ ହୋଇଥିବା ଓଷ୍ଟା କୋରାପୁଟ ଶାଖା ସଦସ୍ୟମାନେ।

# ବଇଦପଡ଼ାରେ ମା' ଠାକୁରାଣୀଙ୍କ ମଣ୍ଡେଇ

ଚନ୍ଦାହାଣ୍ଡି, ୧୯।୫(ଡି.ଏନ୍.ଏ.)

ଚନ୍ଦାହାଣ୍ଡି ବ୍ଲକ ଅଧୀନ ବଇଦପଡା ଗ୍ରାମ ସାପ୍ତାହିକ ହାଟପଦାରେ ଥିବା ମନ୍ଦିର ପରିସରରେ ମା' ଠାକୁରାଣୀଙ୍କ ବାର୍ଷିକ ମଣ୍ଡେଇ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳର ସୁଖ, ଶାନ୍ତି, ସମୃଦ୍ଧି, ଉତ୍ତମ ଫସଲ ଓ ବିଭିନ୍ନ ରୋଗରୁ ମୁକ୍ତି ନିମନ୍ତେ ଏହି ଯାତ୍ରା ପାଳିତ ହେଉଥିବା ସ୍ଥାନୀୟ ବାସିନ୍ଦା ତ୍ରିନାଥ ଦାଶ କହିଛନ୍ତି।

ବୁଧବାରରୁ ବଇଦପଡା, ପାଟଖଲିଆ,ରାଜକୋଟ ଓ ଏହାର ଆଖପାଖ ଗ୍ରାମର ସମସ୍ତ ଚାଷୀ ଏକତ୍ରିତ ହୋଇ ପୂଜାର୍ଚ୍ଚନା ଆରମ୍ଭ କରିଛନ୍ତି। ଗୁରୁବାର ଏହି ଅବସରରେ ପାନାବେଡା ଅଞ୍ଚଳର ସମସ୍ତ ଦେବଦେବୀଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଏହି ମଣ୍ଡେଇ ଯାତ୍ରାରେ ଚନ୍ଦାହାଣ୍ଡି, ପାଟଖଲିଆ, ରାଜକୋଟ, ଧଅଁରାକୋଟ, ଧୁରୁଆପଦା, ଫଟିକି, ହଳଦୀ, ସମେତ ଆଖାପାଖ ଗ୍ରାମର ପ୍ରତିଷ୍ଠାତ୍ରୀ ଦେବଦେବୀ ବଇଦପଡା ଗ୍ରାମକୁ ବିରାଜମାନ କରିଥିଲେ। ଏହା ପ୍ରତି ବର୍ଷ ପାଳିତ ହୁଏ। ବିଭିନ୍ନ ଦେବଦେବୀଙ୍କ ଲାଠି, ବିମାନ, ପାଲିଙ୍କିରେ ଗ୍ରାମ ପରିକ୍ରମା କରିବା ପରେ ଠାକୁରାଣୀ ମନ୍ଦିର ପୀଠରେ ସମସ୍ତେ ଏକତ୍ରିତ ହୋଇଥିଲେ। ଚଳିତ ବର୍ଷ ଏହି ମଣ୍ଡେଇ ଯାତ୍ରାରେ ଷାଠିଏରୁ ଉର୍ଦ୍ଧ୍ୱ ଲାଠି ଶୋଭାଯାତ୍ରାରେ ବାହାରି ଥିଲେ। ଲୁହା କଣ୍ଟାରେ ନିର୍ମିତ ଦୋଳିରେ ବସି ଦେବୀମାନେ ନିଜ ଶକ୍ତି ପ୍ରଦର୍ଶନ କରିଥିଲେ। ଏହା ଦେଖିବା ନିମନ୍ତେ ଶହ ଶହ ଲୋକ ଭିଡ ଜମାଇଥିଲେ। କୁନି କୁନି ପିଲାଙ୍କ ମନୋରଞ୍ଜନ ନିମନ୍ତେ ବିଭିନ୍ନ ପ୍ରକାର ଖେଳଣା ଦୋକାନୀ ପସରା ମେଲାଇଥିଲେ। ମା' ଠାକୁରାଣୀଙ୍କ ପୁଜକ ହରିସିଂ ପୁଜାରୀ ପୂଜାପାଠ କରିଥିଲେ।

# ଲିଙ୍ଗ ନିରୂପଣ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ନିଆଯିବ କାର୍ଯ୍ୟାନୁଷ୍ଠାନ

କୋରାପୁଟ,୧୯।୫(ସ୍ୱ.ପ୍ର.)

କୋରାପୁଟ ଜିଲାପାଳ ଅବ୍ଦାଲ ଏମ୍. ଅଖତରଙ୍କ ଅଧ୍ୟକ୍ଷତାରେ ଗୁରୁବାର ଏକ ବୈଠକ କରାଯାଇଛି। କୋରାପୁଟ ଜିଲାରେ କିପରି ପିସି ଏଣ୍ଡ ପିଏନ୍‌ଡିଟି ଆକ୍ଟ ଅନୁସାରେ ଅଲ୍‌ଟ୍ରାସାଉଣ୍ଡ ମେସିନ ଚାଲିବ ତାହା ଉପରେ ବୈଠକରେ ଆଲୋଚନା ହୋଇଛି। ଏହି ସମୟରେ ଏସ୍‌ପି ବରୁଣ ଗୁଣ୍ଟାପାଲି, ସିଡିଏମ୍‌ପିଏଚ୍‌ଓ ଡାକ୍ତର ଅରୁଣ କୁମାର ପାଢ଼ୀ, ଏଡିପିଏଚ୍‌ଓ(ଏଫ୍‌ଡବ୍ଲ୍ୟୁ) ଡ଼ଃ ନୀଳମାଧବ ଶତପଥୀ ଅତିଥିଭାବେ ଉପସ୍ଥିତ ଥିଲେ। ଲିଙ୍ଗ ନିରୂପଣ ଏକ ଅପରାଧ ଏବଂ ଏପରି କରୁଥିବା ଲୋକଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବବୋଲି ଅତିଥିମାନେ କହିଥିଲେ। କୋରାପୁଟ ଜିଲ୍ଲାରେ ବର୍ତ୍ତମାନ ୯ଟି ଅଲ୍ଟ୍ରାସାଉଣ୍ଡ ୟୁନିଟ୍ କାମ କରୁଛି। ଆଗାମୀ ଦିନରେ ଲୋକଙ୍କ ସୁବିଧା ପାଇଁ ବୋରିଗୁମ୍ମା, ଲକ୍ଷ୍ମୀପୁର, ନନ୍ଦପୁର ଏବଂ ମାଥାଲପୁଟରେ ଅଲ୍‌ଟ୍ରାସାଉଣ୍ଡ ମେସିନ ପାଇଁ ପ୍ରକ୍ରିୟା ଆରମ୍ଭ ହେବ। ଉପଜିଲାପାଳ, ଏସ୍‌ଡିପିଓ ଏବଂ ମେଡ଼ିକାଲ ଅଫିସରଙ୍କୁ ନେଇ ଏକ ଟାସ୍କଫୋର୍ସ ଗଠନ କରାଯାଇ ବୋରିଗୁମ୍ମା, କୋଟପାଡ଼, କୁନ୍ଦୁରା ଅଞ୍ଚଳରେ ଯଦି କେହି ଲିଙ୍ଗ ନିରୂପଣ କରୁଛନ୍ତି ତାଙ୍କୁ ଧରା ଯିବ ବୋଲି ବୈଠକରେ କୁହାଯାଇଛି। ଜୟପୁର ମୁଖ୍ୟ ମେଡ଼ିକାଲ ସୁପେରିଣ୍ଟେଣ୍ଡେଣ୍ଟ ରବି ନାରାୟଣ ମିଶ୍ର, ଡିଏସ୍‌ଡବ୍ଲ୍ୟୁଓ ବିଦ୍ୟୁତଲତା ପାତ୍ର, ଏପିପି ଓକିଲ ଶ୍ରୀ ପି.କେ. ପାଢ଼ୀ, ଡିପିଏମ୍ ଶୁଭକାନ୍ତ ଗନ୍ତାୟତ, ଡିଏମ୍‌ଆର୍‌ସିଏଚ୍ କିଶୋର ସାହୁ, ଏସ୍‌ଆଇ ବାଳକୃଷ୍ଣ ମଣ୍ଡଳ, ଏସ୍‌ଏଲ୍‌ଏନ୍ ମେଡ଼ିକାଲ କଲେଜ ମ୍ୟାନେଜର ଶୁଭେନ୍ଦୁ ମିଶ୍ର, ସଙ୍ଗୀତା ସାମଲ ଏବଂ ଆସିଷ୍ଟାଣ୍ଟ ମ୍ୟାନେଜର ସୂର୍ଯ୍ୟ ମହାପାତ୍ର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

# ଜରାଜୀର୍ଣ୍ଣ ଅବସ୍ଥାରେ ଅଙ୍ଗନୱାଡି କେନ୍ଦ୍ର

ଉମରକୋଟ, ୧୯।୫(ସ୍ୱ.ପ୍ର.)

- ଟିଣ ଛପରରେ କଣା, ବର୍ଷାଦିନେ ଗଳୁଛି ପାଣି
- ବର୍ଷା ଆଗରୁ ମରାମତି ଦାବି

କୁନି କୁନି ପିଲା ଯେପରି ଭଲ ଶିକ୍ଷା ପାଇବେ ଓ ପିଲାଙ୍କ ମୂଳଦୁଆ ସୁଦୃଢ଼ ହୋଇପାରିବ ସେଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଅନେକ ଅଙ୍ଗନୱାଡି କେନ୍ଦ୍ର ପ୍ରତିଷ୍ଠା କରିଥିଲେ। ପିଲାଙ୍କୁ ଅଧିକ ମାତ୍ରାରେ ଆକୃଷ୍ଟ କରିବାକୁ ଏହାର ରୂପରେଖ ବଦଳାଯାଉଛି। ଏଥିପାଇଁ ପର୍ଯ୍ୟାପ୍ତ ପରିମାଣର ପାଣ୍ଠି ଯୋଗାଇ ଦେଉଛନ୍ତି ସରକାର। କିନ୍ତୁ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ସେମଳା ପଞ୍ଚାୟତ ବାକଲିଗୁଡ଼ା ଗ୍ରାମରେ ଦେଖିବାକୁ ମିଳିଛି ଓଲଟା ଚିତ୍ର। ଏଠାକାର ଅଙ୍ଗନୱାଡି କେନ୍ଦ୍ର ଏବେ ଜରାଜୀର୍ଣ୍ଣ ଅବସ୍ଥାରେ। ଦିନରେ ସୂର୍ଯ୍ୟ ରାତିରେ ଚନ୍ଦ୍ର ଓ ତାରା ଦେଖାଯାଉଛି। ଏଭଳି ଶିକ୍ଷାକେନ୍ଦ୍ରରେ କୁନିକୁନି ପିଲାମାନେ ପ୍ରାରମ୍ଭିକ ବିଦ୍ୟା ଗ୍ରହଣ କରୁଛନ୍ତି। ବର୍ଷା ଆଗରୁ ମରାମତି କରିବାକୁ ଦାବି ହୋଇଛି।

ଉମରକୋଟରୁ ମାତ୍ର ୫ କିଲୋମିଟର ଦୂରରେ ରହିଛି ଏହି ଗାଁ। ଏହାର ଅଙ୍ଗନୱାଡି କେନ୍ଦ୍ରଟି ୨୭ ବର୍ଷ ପୂର୍ବେ ତିଆରି କରାଯାଇଛି। ଏହି କେନ୍ଦ୍ରରେ ୩ବର୍ଷ ପର୍ଯ୍ୟନ୍ତ ୪୨ ପିଲା ଓ ୩ରୁ ୬ବର୍ଷ ପର୍ଯ୍ୟନ୍ତ ୪୩ ପିଲା ପଢ଼ନ୍ତି। ଅନ୍ୟପଟେ ଗର୍ଭବତୀମାନେ ପ୍ରତିଦିନ ଏହି କେନ୍ଦ୍ରକୁ ଆସିଥାନ୍ତି। ଗ୍ରାମର ଅନେକ କାର୍ଯ୍ୟକ୍ରମ ଏହି କେନ୍ଦ୍ରରୁ ଆରମ୍ଭ ହୋଇଥାଏ। ଏଠାରେ ରହିଛି ଦୁଇଟି କୋଠରି। ଗୋଟିଏରେ ପିଲାମାନେ ବସନ୍ତି ଓ ଅନ୍ୟଟିରେ ରୋଷେଇ କରାଯାଉଛି। ଦୁଇଟି କଠୋରିର ଅବସ୍ଥା ପ୍ରାୟ ୩ ବର୍ଷ ହେବ ଶୋଚନୀୟ। ଅଙ୍ଗନୱାଡି କେନ୍ଦ୍ରର ପଛପଟ ଆହୁରି ଶୋଚନୀୟ। ଘରର ଛପର ନ ଥିବାରୁ ପାଣି ଗଳୁଛି। ବର୍ଷା ଦିନରେ ବେଶି କଷ୍ଟ। ଖାଇବା ଜିନିଷ ଉପରେ ପାଣି ପଡୁଛି, ଅତି କଷ୍ଟରେ ରୋଷେଇ କରୁଛନ୍ତି ବୋଲି ଅଙ୍ଗନୱାଡି ରୋଷେୟା କହିଛନ୍ତି। ଅଙ୍ଗନୱାଡି କେନ୍ଦ୍ର ଦାୟିତ୍ୱରେ ଥିବା କର୍ମୀ ଲଛମା ଭତରାଙ୍କୁ ପଚାରିବାରୁ ଜରାଜୀର୍ଣ୍ଣ ଗୃହ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଦେଇଛି। ଶିଶୁ କଲ୍ୟାଣ ବିଭାଗ ସିଡିପିଓ ଦୀପ୍ତିରାଣୀ ସିଂଙ୍କୁ ଏ ବିଷୟରେ ପଚାରିବାରୁ ବର୍ଷାଦିନରେ ପିଲାଙ୍କୁ ଅନ୍ୟତ୍ର ଶିକ୍ଷା ଦିଆଯାଉଛି। କେନ୍ଦ୍ରର ଏ ଅବସ୍ଥା ବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛି। କିନ୍ତୁ କେହି କିଛି ପାଣ୍ଠି ଯୋଗାଇ ନାହାନ୍ତି। ଏବେ ଏହି ଅଙ୍ଗନୱାଡି କେନ୍ଦ୍ରର ପିଲାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବ ବୋଲି ସେ କହିଛନ୍ତି।


ଅଙ୍ଗନୱାଡି ଶ୍ରେଣୀଗୃହ।

